# ପିଲାଙ୍କ ଧରିତ୍ରୀ

ଶନିବାର , ୧୭ ଜୁନ୍, ୨୦୨୩




୨

୮

ଆଇନା

୭

କବିତା



## ଗପ

# ସବୁଠାରୁ ସୁଖୀ

ଗୋଟିଏ କାଉ ଥିଲା। ଖାଇ ପିଇ ଖୁସିରେ ଏତେତେଣେ ମନଖୁସିରେ ଉଡ଼ିବୁଲେ। ନିଜ ଜୀବନକୁ ନେଇ ସେ ଖୁବ୍ ସନ୍ତୁଷ୍ଟ ଥିଲା। ଥରେ ଜଙ୍ଗଲରେ ଥିବା ଏକ ପୋଖରୀକୁ ପାଣି ପିଇବାକୁ ଯାଇଥିଲା। ସେହି ପୋଖରୀରେ ଗୋଟିଏ ହଂସକୁ ଦେଖି ଭାବିଲା ମୁଁ ଏତେ କଳା, ସେ ତ ବହୁତ ସୁନ୍ଦର ଦିଶୁଛି ଏବଂ କେତେ ଖୁସି ଅଛି। ବୋଧହୁଏ ଦୁନିଆରେ ସବୁଠାରୁ ସୁଖୀ ପକ୍ଷୀ ହେଉଛି ଏଇ ହଂସ।

ତେଣୁ କାଉ ସେହି ପୋଖରୀକୁ ସ୍ନାନ କରିବାକୁ ଯାଇ କହିଲା, ହଂସ ଭାଇ! ତୁମେ ହେଉଛ ଦୁନିଆର ସବୁଠାରୁ ସୁଖୀ ପ୍ରାଣୀ। ହଂସ ହସି କରି କହିଲା ଭାଇ! ମୁଁ ମଧ ସେହି କଥା ଭାବୁଥିଲି। କିନ୍ତୁ ଯେତେବେଳ ପର୍ଯ୍ୟନ୍ତ ମୁଁ ଶୁଆକୁ ଦେଖି ନ ଥିଲି, ସେତେବେଳ ପର୍ଯ୍ୟନ୍ତ ଭାବୁଥିଲି – ମୁଁ ଦୁନିଆର ସବୁଠାରୁ ସୁଖୀ। ଶୁଆକୁ ଦେଖିବା ପରେ ଭାବୁଛି, ଶୁଆ ହିଁ ଦୁନିଆର ସବୁଠାରୁ ସୁଖୀ। କାରଣ ଶୁଆର ଦୁଇଟି ସୁନ୍ଦର ରଙ୍ଗ ଅଛି। ତେଣୁ ସେ ଦୁନିଆର ସବୁଠାରୁ ସୁଖୀ। କାଉ ଯାଇ ଶୁଆକୁ କହିଲା – ତୁମେ ଦୁନିଆର ସବୁଠାରୁ ସୁଖୀ। କିନ୍ତୁ ଶୁଆ କହିଲା– ମୁଁ ପ୍ରଥମେ ବହୁତ ଖୁସି ଥିଲି ଏବଂ ଭାବୁଥିଲି, ମୁଁ ହିଁ ଦୁନିଆର ସବୁଠାରୁ ସୁନ୍ଦର ପକ୍ଷୀ। କିନ୍ତୁ ଯେତେବେଳେ ମୁଁ ମୟୂରକୁ ଦେଖିଲି ଜାଣିପାରିଲି ଯେ ତାରି ଭଳି ସୁନ୍ଦର ପକ୍ଷୀ ଆଉ କେହି ନାହିଁ। କାରଣ ତା'ର ପୁଚ୍ଛ ବହୁତ ସୁନ୍ଦର। ମେଘ ଆସିଲେ ସେ ନୃତ୍ୟ କରେ। ତେଣୁ ମୁଁ ଭାବୁଛି, ଦୁନିଆର ସବୁଠାରୁ ସୁଖୀ ପ୍ରାଣୀ ହେଉଛି ମୟୂର। ତା'ର ଅନେକ ରଙ୍ଗ ଅଛି ଏବଂ ସେ ମୋ ଠାରୁ ବହୁତ ସୁନ୍ଦର। କାଉ ପ୍ରାଣୀ ଉଦ୍ୟାନକୁ ଯାଇ ଦେଖିଲା, ମୟୂରକୁ ଦେଖିବା ପାଇଁ ଶହ ଶହ ଲୋକ ଆସୁଛନ୍ତି। କାଉ ମୟୂରକୁ ଯାଇ କହିଲା – ପ୍ରକୃତରେ ତୁମେ ଦୁନିଆର ସବୁଠାରୁ ସୁନ୍ଦର ପକ୍ଷୀ। କାରଣ ହଜାର ହଜାର ଲୋକ ତୁମକୁ ଦେଖିବାକୁ ଆସୁଛନ୍ତି। ତେଣୁ ତୁମେ ହିଁ ସବୁଠାରୁ ସୁଖୀ ପକ୍ଷୀ। ମୟୂର କହିଲା – ସବୁବେଳେ ଭାବୁଥିଲି, ମୁଁ ଦୁନିଆର ସବୁଠାରୁ ସୁନ୍ଦର ଏବଂ ସମସ୍ତଙ୍କ ଠାରୁ ଅଧିକ ସୁଖୀ। କିନ୍ତୁ ମୋର ସୌନ୍ଦର୍ଯ୍ୟ ହେତୁ ମୋତେ ଏଠାରେ ଜନ୍ତା ଭିତରେ ରଖାଯାଇଛି। ସେଥିପାଇଁ ମୋ ମନ ବହୁତ ଦୁଃଖୀ। ଏବେ ଭାବୁଛି କି ଯଦି ମୁଁ କାଉ ହୋଇଥାନ୍ତି ତେବେ ଭଲ ହୋଇଥାଆନ୍ତା। ତୁମେ ଆଜି ମୁକ୍ତ ଆକାଶର ବିହଙ୍ଗ। ମୟୂର ପୁଣି କହିଲା– ପ୍ରାଣୀ ଉଦ୍ୟାନକୁ ଆସିବା ପରେ ମୁଁ ଭାବୁଛି, କାଉ ହେଉଛି ସବୁଠାରୁ ସୁଖୀ ପକ୍ଷୀ।

ଆମ ସମସ୍ତଙ୍କର ଜୀବନ ମଧ ଏହିପରି। ଆମେ ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରୁ। କିନ୍ତୁ ଅନ୍ୟମାନଙ୍କୁ ଦେଖିବା ପରେ ସେମାନେ ଭାବନ୍ତି, ମୋ ଠାରୁ ବୋଧହୁଏ ସେମାନେ ଅଧିକ ଖୁସି ଅଛନ୍ତି। ବାସ୍ତବରେ ସମସ୍ତଙ୍କ ଜୀବନରେ ବିଭିନ୍ନ ପ୍ରକାର ସମସ୍ୟା ଓ କଷ୍ଟ ରହିଥାଏ। କଥାରେ ଅଛି ଯେତେ ବଡ ବାଉଁଶ ସେତେ ବଡ଼ ପୋଲା। ତେଣୁ ଅନ୍ୟମାନଙ୍କଠାରୁ ଆମେ ଅଧିକ ଖୁସିରେ ଅଛୁ ବୋଲି ଭାବିଲେ ଆତ୍ମସନ୍ତୋଷ ମିଳିବ ଏବଂ ଆମେ ପ୍ରକୃତରେ ସବୁବେଳେ ଖୁସିରେ ରହିପାରିବା।

– ଲଳିତ ମୋହନ ମିଶ୍ର
ନୟାଗଡ଼, ମୋ: ୯୪୩୭୯୮୫୮୬୬



## ଖିଲି ଖିଲି ହସ

ଜଣେ ଗ୍ରାହକ ଦାଢ଼ି କାଟିବାକୁ ସେଲୁନ୍ ଗଲେ।
**ଗ୍ରାହକ :** ମୋର ଟିକେ ଦାଢ଼ି କାଟିଦେବ ।
**ଦୋକାନୀ:** ହଁ ଭାଇ କାଟୁଛି।
**ଗ୍ରାହକ:** ଆରେ ଭାଇ ତୁମେ ଏ କ'ଣ କଲ ? ଦାଢ଼ି କାଟୁ କାଟୁ ମୋ ଗାଲରୁ ଚମଡା ଛଡାଇ ଦେଲ !
**ଦୋକାନୀ:** ଆରେ ଭାଇ ତୁମେ ଚିନ୍ତା କରନି, ମୁଁ କେବଳ ଦାଢ଼ି କଟାର ପଇସା ନେବି।

ଅଜୁ ତା ସାଙ୍ଗ ବିଜୁକୁ କହିଲା–ଆରେ ସାଙ୍ଗ ତମ କୁକୁର ମୋ ବହି ଫାଡି ଦେଇଛି।
**ବିଜୁ :** ତୁ ଟିକେ ରହ ଅଜୁ ମୁଁ ତାକୁ ଦଣ୍ଡ ଦେବି
**ଅଜୁ:** ତୁ ଦଣ୍ଡ ଦେବା ଦରକାର ନାହିଁ ତାକୁ ତା ଭାଗର ଦଣ୍ଡ ମୁଁ ଦେଇ ଦେଇଛି।
**ବିଜୁ:** କେମିତି ?
**ଅଜୁ:** ମୁଁ ତା ଗିନାରେ ଥୁଆ ହୋଇଥିବା ସବୁ କ୍ଷୀର ପିଇ ଦେଇଛି।

ମିକୁ ଟିକୁ ଦୁଇ ଭାଇ ଏକା କ୍ଲାସରେ ପଢୁଥିଲେ।
**ଶିକ୍ଷକ:** ତୁମେ ଦୁଇଜଣ ବାପାଙ୍କ ନାମ ଅଲଗା ଅଲଗା କାହିଁକି ଲେଖିଛ ?
**ମିକୁ:** ମିସ୍, ଆମେ ଯଦି ଗୋଟିଏ ନାଁ ଲେଖିଥାନ୍ତୁ ଆପଣ କହିଥାନ୍ତେ କି ଆମେ କପି କରିଛୁ !

# ସୁସ୍ଥ ରଖେ ସଙ୍ଗୀତ

ସଙ୍ଗୀତକୁ ମନୁଷ୍ୟଜଗତ ପାଇଁ ଈଶ୍ୱରଙ୍କ ଅଦ୍ଭୁତ ବରଦାନ କହିଲେ ଆଦୌ ଭୁଲ ହେବନି। ସଙ୍ଗୀତ ମାଧ୍ୟମରେ ବଞ୍ଚିବାର ଏକ ଭିନ୍ନ ଆନନ୍ଦ ମିଳେ। ଆଉ ସ୍ୱାସ୍ଥ୍ୟ ପାଇଁ ତ ଏହା ଔଷଧ ଭଳି କାମ କରେ।



▶▶ ମନର ଭାବକୁ ପ୍ରକାଶ କରିବାର ଏକ ସୁନ୍ଦର ମାଧ୍ୟମ ହେଉଛି ସଙ୍ଗୀତ। ସବୁ ପ୍ରକାର ଭାବକୁ ଏହି ସଙ୍ଗୀତ ମାଧ୍ୟମରେ ଅତି ସୁନ୍ଦର ଭାବରେ ଅନ୍ୟମାନଙ୍କ ଆଗରେ କହିହୁଏ।

▶▶ ସଙ୍ଗୀତ ଶୁଣିବା ଫଳରେ ମଣିଷ ଖୁସି ହୋଇଥାଏ ଓ ଚିନ୍ତାମୁକ୍ତ ହୋଇଥାଏ। ତେଣୁ ଏହା ମାଧ୍ୟମରେ ନିଃସଙ୍ଗତାରୁ ବି ମୁକ୍ତି ମିଳିଥାଏ।

▶▶ ମନକୁ ଶାନ୍ତ ରଖିବା ପାଇଁ ବି ସଙ୍ଗୀତ ହିଁ ଏକ ମାଧ୍ୟମ ହୋଇଥାଏ। ଏହା ପ୍ରଭାବରେ ଜୀବନରେ ଆଗକୁ ବଢିବା ପାଇଁ ପ୍ରେରଣା ମିଳିଥାଏ।

▶▶ ସଙ୍ଗୀତ ଶୁଣିବା ଫଳରେ ମାନସିକ ଶାନ୍ତି ମିଳିଥାଏ ଓ ସକାରାତ୍ମକ ଭାବନା ମଧ ବୃଦ୍ଧି ପାଇଥାଏ।

▶▶ ଅତ୍ୟଧିକ ଖୁସି, ଅତ୍ୟଧିକ ଦୁଃଖ କିମ୍ବା ଅତ୍ୟଧିକ ପ୍ରେମ ଅଥବା କ୍ରୋଧ ଭାବକୁ ନିୟନ୍ତ୍ରଣରେ ରଖିବା ନିମନ୍ତେ ସଙ୍ଗୀତ ଏକ ସୁନ୍ଦର ମାଧ୍ୟମ।

▶▶ ମଣିଷର ଭାବନାକୁ ବିକଶିତ କରିବା ସହ ସୃଜନାତ୍ମକ ଶକ୍ତି ବଢ଼ାଇଥାଏ ସଙ୍ଗୀତ।

▶▶ ପରସ୍ପର ମଧ୍ୟରେ ଭାବ ବିନିମୟ କରି ଏକ ସମ୍ପର୍କ ସ୍ଥାପନ କରିବା ମଧ ସଙ୍ଗୀତ ଦ୍ୱାରା ସମ୍ଭବ ହୋଇପାରେ।

▶▶ ଶରୀର ଥକି ପଡ଼ିଥିବା ସମୟରେ କୌଣସି ଗୀତ ଶୁଣିଲେ କିଛି ସମୟ ପରେ ବେଶ୍ ଆରାମ ଲାଗିଥାଏ। ତେଣୁ ଏହା ଶରୀରରେ ଏକ ସ୍ୱତନ୍ତ୍ର ଉର୍ଜା ସୃଷ୍ଟି କରିଥାଏ।

▶▶ ସଙ୍ଗୀତ ପ୍ରଭାବରେ ଅବସାଦ ଦୂର ହେବା ସହ ଅନିଦ୍ରା ରୋଗ ମଧ ଦୂର ହୋଇଥାଏ।

▶▶ ବିଭିନ୍ନ ପ୍ରକାର ରୋଗରୁ ମୁକ୍ତିଦେବାରେ ସାହାଯ୍ୟ କରିଥାଏ ସଙ୍ଗୀତ। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଯେ ସଙ୍ଗୀତ ମାଧ୍ୟମରେ ରକ୍ତଚାପକୁ କମ୍ କରିହେବ। ଏହା ହୃଦ୍‌ସ୍ପନ୍ଦନକୁ ଠିକ୍ ରଖିବା ସହ ମୁଡ୍ ଭଲ ରଖେ ଓ ଅତ୍ୟଧିକ ଉତ୍ସୁକତାକୁ ମଧ ନିୟନ୍ତ୍ରଣ କରେ।

# ମତାମତ

➲ 'ଏକତାର ବଳ' ଗପଟି ଶିକ୍ଷଣୀୟ ହୋଇପାରିଛି।

**–ମୃତ୍ୟୁଞ୍ଜୟ ନାୟକ,ସୋର,ବାଲେଶ୍ୱର**

➲ ଜଣା ଅଜଣା ପୃଷ୍ଠାରେ ପ୍ରକାଶିତ ନିଆରା ଚିଡିଆଖାନା ପଢ଼ି ଜାଣିବାକୁ ପାଇଲି କେଉଁ ଚିଡିଆଖାନାରେ କ'ଣ ସବୁ ସୁବିଧା ରହିଛି ।

**–ମାନସ ସାହୁ, ଜିଜିପି କଲୋନୀ,ଭୁବନେଶ୍ୱର**

➲ ତୁମ ତୁଳୀ ସ୍ତମ୍ଭରେ ପ୍ରକାଶିତ ଚିତ୍ର ଗୁଡିକ ସୁନ୍ଦର ହେଉଛି।

**–ଦିବ୍ୟାଂଶୀ ସାହୁ, ବୁଢ଼ାରାଜା, ସମ୍ବଲପୁର**

➲ ପିଲାମାନେ ରଜକୁ କେଉଁଠି ଓ କିପରି ପାଳନ କରିବେ ସେ ବିଷୟରେ ମଧ ଜାଣି ଭଲ ଲାଗିଲା।

**–ନିତିନ୍ ନାୟକ, କଣ୍ଢେଇଆ,ଜଗତ୍‌ସିଂହପୁର**

## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ଆଠଟି କଥା

ବୟସ ବଢ଼ିବା ସହ ପିଲାମାନେ ପାଠପଢ଼ା ସହ ଅନ୍ୟ ଜିନିଷ ପ୍ରତି ନଜର ଦେବା ମଧ୍ୟ ଆବଶ୍ୟକ। କିଛି ଲାଇଫ୍ ସ୍କିଲ୍ ଜାଣିବା ମଧ୍ୟ ଜରୁରୀ। ଏହି ସ୍କିଲ୍ ପିଲାକୁ ଆତ୍ମନିର୍ଭରଶୀଳ କରିବା ସହ ତା'ର ଆତ୍ମବିଶ୍ୱାସ ବଢ଼ାଇବାରେ ସାହାଯ୍ୟ କରିଥାଏ। ପିଲାଙ୍କର ଶିଖିବା କ୍ଷମତା ବହୁତ ଅଧିକ ଥାଏ। ଯଦି ସମୟ ଥାଉ ଥାଉ ସେମାନେ ଏସବୁ ଜିନିଷ ଶିଖିଯିବେ, ତେବେ ଜୀବନରେ ସଫଳତାର ଶିଖର ଛୁଇଁପାରିବେ...

## ସଫାସୁତରା ରହିବା

ସେମାନେ ଏହି ଅଭ୍ୟାସ ବେଡ୍‌ରୁମ୍‌ରୁ ଆରମ୍ଭ କରିବା ଆବଶ୍ୟକ। ସକାଳେ ଉଠିବା ପରେ ନିଜ ବେଡ୍ ନିଜେ ସଜାଡ଼ିବା ଅଭ୍ୟାସରେ ପରିଣତ କରିବା ଭଲ। ବର୍ତ୍ତମାନ ସମୟରେ ନିଜେ କିପରି ପରିଷ୍କାର ପରିଚ୍ଛନ୍ନ ରହିବେ, ତାହା ଜାଣିବା ସହ କାମରେ ଲଗାଇବା ଜରୁରୀ। ନିଜ ରୁମ୍ ଠିକ୍ କରିବା ପରେ ହିଁ ବାହାରକୁ ଆସନ୍ତୁ। କୌଣସି ବି କାମକୁ ହାଲୁକା ଭାବରେ ନିଅନ୍ତୁ ନାହିଁ।

## ଘର-ସ୍କୁଲ ଠିକଣା

ପିଲା ଯଦି ସ୍କୁଲ ଯାଉଛି, ତେବେ କେବଳ ଘର ନୁହେଁ ସ୍କୁଲ ଆଡ୍ରେସ୍ ମନେରଖିବା ଦରକାର। ତା' ସହ କେଉଁ ବାଟ ଦେଇ ସେ ସବୁଦିନ ଯାଉଛି, ତାହାକୁ ମନେରଖିବା ଭଲ। ଯଦି ସ୍କୁଲରୁ ଫେରି ବସ୍ ଷ୍ଟପ୍‌ରେ କିଛି ସମୟ ଅପେକ୍ଷା କରିବାକୁ ପଡୁଛି ତେବେ ଏକୁଟିଆ ନ ରହି ସାଙ୍ଗସାଥୀଙ୍କ ସହ କିଛି ସମୟ କଟାନ୍ତୁ। ଯଦି ବସ୍‌ଷ୍ଟପ୍‌ରୁ ଘର ପାଖ, ତେବେ ଏକୁଟିଆ ଘରକୁ ଆସିପାରନ୍ତି। ଏହି ସମୟରେ ଅଜଣା ବ୍ୟକ୍ତିଙ୍କର ସହାୟତା ନିଅନ୍ତୁ ନାହିଁ।

## ଟିଫିନ୍ ବକ୍ସ

କେତେକ ସ୍କୁଲରେ ପିଲା କ'ଣ ଟିଫିନ୍ ଖାଇବେ ତାହା ନିର୍ଦ୍ଧାରିତ ହୋଇସାରିଥାଏ। ତା'ସହ ଏ ନେଇ ଲିଖିତ ଆକାରରେ ପିଲାମାନଙ୍କୁ ଚାର୍ଟ ଦିଆଯାଇଥାଏ। କେଉଁ ଦିନ କ'ଣ ଖାଇବେ, ତେଣୁ ସେଥିପ୍ରତି ପିଲାମାନେ ସଚେତନ ରହିବା ଦରକାର। କେତେକ ପିଲା ଚଟପଟି ଟିଫିନ୍ ଖାଇବାକୁ ପସନ୍ଦ କରନ୍ତି। ହେଲେ ସେଗୁଡ଼ିକ ସ୍ୱାସ୍ଥ୍ୟୋପଯୋଗୀ ହେବା ଆବଶ୍ୟକ। ସ୍କୁଲ ଯିବା ପୂର୍ବରୁ କିପରି ଟିଫିନ୍ ଜଲ୍‌ଦି ରେଡି ହେବ ସେଥିଲାଗି ନିଜେ ମା'ଙ୍କ ସହ ମିଶି କିଛି ସାହାଯ୍ୟ କରିବା ଦ୍ୱାରା ଆପଣଙ୍କ ଟିଫିନ୍‌ବକ୍ସ ଜଲ୍‌ଦି ପ୍ୟାକ୍ ହୋଇଯିବ। ଠିକ୍ ସେହିପରି ସ୍କୁଲରେ ଟିଫିନ୍ ଖାଇବା ପରେ ତାକୁ ବ୍ୟାଗ୍ ଭିତରେ ମନେ କରି ରଖିବା ଦରକାର।

## ହୋମୱାର୍କ

ପିଲାମାନେ ନିଜ ହୋମୱାର୍କ ପ୍ରତି ସଚେତନ ରହିବା ନିହାତି ଦରକାର। ନ ହେଲେ କ୍ଲାସ୍‌ରେ ଠିକ୍ ସମୟରେ ସେମାନେ ନିଜ ନୋଟ୍ ଦେଇପାରିବେ ନାହିଁ। ତେଣୁ କେଉଁଦିନ କ'ଣ ହୋମୱାର୍କ ଦିଆଯାଉଛି ତାହା ଲେଖି ରଖନ୍ତୁ। ପ୍ରତିଦିନ ହୋମୱାର୍କ ସେହି ଦିନ ହିଁ ଶେଷ କରନ୍ତୁ। ନ ହେଲେ ସ୍କୁଲରେ ଶିକ୍ଷୟିତ୍ରୀ-ଶିକ୍ଷକଙ୍କ ନିକଟରୁ ଗାଳି ଶୁଣିବାକୁ ପଡିପାରେ। ଘରେ କେତେବେଳେ ହୋମୱାର୍କ କରିବେ ତାହା ସ୍ଥିର କରନ୍ତୁ। ତା' ସହ ପୂର୍ବ ପାଠଗୁଡ଼ିକୁ ମଧ୍ୟ ପଢ଼ନ୍ତୁ।

## ଜରୁରୀ କଣ୍ଟାକ୍ଟ ନମ୍ବର

ପିଲାମାନେ ମାତାପିତାଙ୍କ ନମ୍ବର ସହିତ ଅନ୍ୟ ଜରୁରୀ କଣ୍ଟାକ୍ଟ ନମ୍ବର ଜାଣିବା ଆବଶ୍ୟକ। ପୋଲିସ୍‌ଷ୍ଟେସନ ନମ୍ବର ଜାଣିବା ମଧ୍ୟ ଜରୁରୀ। ଯଦି କେବେ ପିଲା ହଜିଯାଉଛି, ସେ ସମୟରେ ସେ ପୋଲିସ୍‌କୁ ଫୋନ୍ କରି ନିଜେ ସୁରକ୍ଷିତ ଘରକୁ ଫେରିପାରିବାରେ ଏହା ସହାୟକ ହେବ।

## ଫାଷ୍ଟଏଡ୍

ପିଲା ନିଜ ପାଖରେ କିଛି ଫାଷ୍ଟଏଡ୍ ଜିନିଷ ରଖିବା ଆବଶ୍ୟକ। ଏହାଦ୍ୱାରା ନିଜର ସୁରକ୍ଷା କରିବା ସହ ଅନ୍ୟ କାହାର ସୁରକ୍ଷା ମଧ୍ୟ କରିପାରିବ। ଯଦି ହାତ କିମ୍ବା ଗୋଡ଼ରେ ଆଘାତ ଲାଗିଛି ତେବେ ଘରେ ଫାଷ୍ଟ ଏଡ୍ ଚିକିତ୍ସା କରାଇ ନେଇ ହସପିଟାଲକୁ ଯାଆନ୍ତୁ। ଯଦି ଜ୍ୱର ହେଲା କିମ୍ବା ଅସୁସ୍ଥ ଲାଗୁଛି ତେବେ ମା'ବାପାଙ୍କୁ ଜଣାଇଲେ ସେମାନେ ତାହାର ପ୍ରତିକାର କରିବେ।

## ପକେଟ୍ ମନି

ପିଲାମାନଙ୍କର ବୁଝିବା ଶକ୍ତି ହେଲେ ସେମାନେ ସାଙ୍ଗରେ ପକେଟ ମନି ନେଇଥାଆନ୍ତି। ହେଲେ କେତେକ ପିଲା ଏହାକୁ ସଞ୍ଚୟ କରିବାକୁ ପସନ୍ଦ କରନ୍ତି। ତେବେ ପିଲାମାନେ ଏହାକୁ ଯେମିତି ବଦଖର୍ଚ୍ଚ ନ କରନ୍ତି, ସେ ନେଇ ନିଜେ ସଚେତନ ରହିବା ଦରକାର।

## ନିଜ ଭାବନାକୁ ଶେୟାର କରିବା

ପିଲାପାଇଁ ବହୁତ ଜରୁରୀ ହୋଇଥାଏ ନିଜ ଭାବନାକୁ ଶେୟାର କରିବା । ଏପରି କରିବା ଦ୍ୱାରା ତାଙ୍କର କେତେକ କାମ କରିବା ସହଜ ହୋଇଥାଏ। ଏହାଦ୍ୱାରା ପିଲାମାନେ ନିଜ ବନ୍ଧୁତ୍ୱ ପରିସରକୁ ବଢ଼ାଇ ପାରିବେ। ସବୁବେଳେ ପିଲାମାନେ ଭଲ ପିଲାଙ୍କ ସହ ସାଙ୍ଗ ହେବା ଦରକାର। କିଏ କ'ଣ କହିଲା, ତାହାର ପୂର୍ବାପର ତର୍ଜମା କରନ୍ତୁ। ଏ ବିଷୟରେ ଘରେ କହିବାକୁ ଭୁଲନ୍ତୁ ନାହିଁ।

## ପକେଟ୍ ମନିକୁ ଅଯଥା ଖର୍ଚ୍ଚ କରି ନ ଥାଏ



କୌଣସି କଥା ସେୟାର କରିବାର ଥିଲେ ତାହା ମାମାଙ୍କ ସହିତ ସେୟାର କରିଥାଏ। ଯଦି ମାମା କି ବାବା ମୋତେ କିଛି ପକେଟ୍ ମନି ଦେଇଥାନ୍ତି, ତାକୁ ଅଯଥାରେ ଖର୍ଚ୍ଚ ନ କରି ରଖିଥାଏ। ଫଳରେ ପରେ ଏହି ଟଙ୍କା ମୋର କପି କିମ୍ବା ପେନ୍ କିଣିବାରେ ସାହାଯ୍ୟ କରେ। ଟିଫିନ୍ ବକ୍ସ କପି ଆଦି ଠିକ୍ ଭାବେ ପ୍ୟାକ୍ ହୋଇଛି କି ନାହିଁ ତାହା ସ୍କୁଲ୍ ଯିବା ପୂର୍ବରୁ ଆଉ ଥରେ ଦେଖି ନେଇଥାଏ।

-**ଅନୁଷ୍କା ପାତ୍ର**,କ୍ଲାସ-୭,ଷ୍ଟୁଆର୍ଟ ସ୍କୁଲ,କଟକ

## ସବୁବେଳେ ସଚେତନ ରହିଥାଏ



ମୁଁ ଏବେ କ୍ଲାସ-୭ରେ ପଢୁଛି। ବର୍ତ୍ତମାନ ନିଜର କିଛି କାମ ଅନେକାଂଶରେ କରିପାରୁଛି। ହେଲେ କୌଣସି ସମସ୍ୟା ହେଲେ ମା-ବାପାଙ୍କ ସହ ଆଲୋଚନା କରିଥାଏ। ମୁଁ ଏବେ ପାଠକୁ ଗୁରୁତ୍ୱ ଦେଉଛି। ତେଣୁ ହୋମୱାର୍କ, ରିଭିଜନ୍ ପ୍ରତି ସଚେତନ ରୁହେ। କ'ଣ ସ୍କୁଲ୍‌ରେ ପଢ଼ା ହୋଇଛି ତାକୁ କିପରି ଠିକ୍ ସମୟରେ ସାରିବି ଏହି ଚିନ୍ତା ମୋ ମନରେ ଥାଏ। ଏସବୁ ସାରିଲା ପରେ ଅନ୍ୟ କଥା ମୁଁ ଚିନ୍ତା କରେ।

-**ଆରିୟୁଷ ପତି**, କ୍ଲାସ-୭, ବିଜେଇଏମ୍ ସ୍କୁଲ୍,ସତ୍ୟଭାମାପୁର,ଭୁବନେଶ୍ୱର





୧
ଲୋକେଶ ରଞ୍ଜନ ରାଉତ
କ୍ଲାସ- ୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ-୩, ଭୁବନେଶ୍ୱର





୨
ଆୟାଂଶ୍ ଶାହା
କ୍ଲାସ- ୪, ଲୟୋଲା ସ୍କୁଲ, ଭୁବନେଶ୍ୱର

୩
ସ୍ନେହାଞ୍ଜଳି ବେହେରା
କ୍ଲାସ- ୬, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା





୪
ପ୍ରୟାସ ନାଥ
କ୍ଲାସ- ୮, ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ-୨, ସତ୍ୟଭାମାପୁର, ଭୁବନେଶ୍ୱର

୫
ଦିବ୍ୟାଂଶ ଶେଖର ନନ୍ଦୀ
କ୍ଲାସ- ୩, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ, ଭଦ୍ରକ





୬
ଇସାନୀ ସାଇ ଶର୍ମା
କ୍ଲାସ- ୪, ନିଉ ଡିପଲ ସ୍କୁଲ, ଆମ୍ବପୁଆ, ବ୍ରହ୍ମପୁର

୭
ରିତେଶ ସାହୁ
କ୍ଲାସ- ୯, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ନୟାବଜାର, କଟକ





୮
ପ୍ରତୀକ୍ଷା ମହାପାତ୍ର
କ୍ଲାସ- ୬, କେନ୍ଦ୍ରୀୟ ବିଦ୍ୟାଳୟ, ଜଗତସିଂହପୁର

୯
ଦିବ୍ୟାଶ୍ରୀ ଦେବାର୍ଚ୍ଚନା
କ୍ଲାସ-୯, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର





୧



୨



୩



୪



୫



୬



୭



୮



୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ସର୍ବବୃହତ୍ ଟି-ଶାର୍ଟ

ବିଶ୍ୱର ସର୍ବବୃହତ୍ ଟି-ଶାର୍ଟ। ତା' ପୁଣି ଏକ ରଗ୍‌ବି ଖେଳପଡ଼ିଆ ଭଳି। ଟି-ଶାର୍ଟ ପୁଣି ଏତେ ବଡ଼ ହୋଇପାରେ ଏକଥା ହୁଏତ କେହି ବିଶ୍ୱାସ କରିପାରୁ ନ ଥିବେ। କିନ୍ତୁ ଏଭଳି ଏକ ଟି-ଶାର୍ଟ ତିଆରି କରିଛନ୍ତି ରୋମ୍‌ର ଏକ ନିର୍ଦ୍ଦିଷ୍ଟ ଗ୍ରୁପ୍। ସେମାନଙ୍କ ଦ୍ୱାରା ତିଆରି ହୋଇଥିବା ଏହି ଟି-ଶାର୍ଟ ଏବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି।

ତେବେ ଭିନ୍ନ କଥା ହେଉଛି ଏହା ତିଆରି ହୋଇଛି କେବଳ ଆବର୍ଜନାରୁ। ପ୍ରାୟ ୫ ଲକ୍ଷ ପ୍ଲାଷ୍ଟିକ୍ ବୋତଲକୁ ରିସାଇକଲ୍ କରି ଏହି ଟି-ଶାର୍ଟ ତିଆରି କରିଛନ୍ତି ରୋମ୍‌ର ସେହି ଗ୍ରୁପ୍। ଏହାର ଲମ୍ବ ରହିଛି ୧୦୮.୯୬ ମିଟର ଏବଂ ଓସାର ୭୩.୪୮ ମିଟର।

ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏଭଳି ଏକ ପ୍ରୟାସ କରାଯାଇଛି ବୋଲି ଟି-ଶାର୍ଟ ତିଆରି କରିଥିବା ସଂସ୍ଥା ପକ୍ଷରୁ କୁହାଯାଇଛି। ତେବେ ରେକର୍ଡ କରିସାରିବା ପରେ ବିଶ୍ୱର ଏହି ସର୍ବବୃହତ୍ ଟି-ଶାର୍ଟଟିକୁ ୧୦ହଜାର ଗରିବ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପୋଷାକ କରି ବଣ୍ଟା ଯାଇଛି।



## କବିତା

### ସନ୍ଧ୍ୟା

ସୂରୁଜ ବୁଡ଼ିଲେ ପଶ୍ଚିମ ଦିଗରେ
ସନ୍ଧ୍ୟା ଆସେ ନଇଁ ନଇଁ
ଆକାଶରେ ଦିଶେ ଉଜ୍ଜ୍ୱଳ ଚନ୍ଦ୍ରମା
ଆଲୋକିତ ହୁଏ ଭୂଇଁ।
ଗାଈ ଓ ବଳଦ ବାହୁଡ଼ି ଆସନ୍ତି
ହମ୍ବା ହମ୍ବା ରଡ଼ି ଦେଇ
ପକ୍ଷୀଏ ଫେରନ୍ତି ନୀଡ଼କୁ ତାଙ୍କର
ମନ ଆନନ୍ଦରେ ତହିଁ।
ମନ୍ଦିରେ ଶୁଭଇ ଘଣ୍ଟ କରତାଳି
ତା' ସହିତ ହୁଳହୁଳି
ଶଙ୍ଖ ଶବଦରେ ଉଚ୍ଛୁଳି ପଡ଼ଇ
ମନ୍ଦିରେ ଲାଗେ ଗହଳି।
ଗାଆଁ ଟୁଙ୍ଗିଘରେ ଭାଗବତ ପାଠ
ପ୍ରତିଦିନ ବୋଲାଯାଏ
ପରିଶ୍ରମ ସାରି ଚାଷୀ ଭାଇ ମୋର
ନୀତି ଶୁଣିବାକୁ ଯାଏ।
ସନ୍ଧ୍ୟା ସମୟରେ ଗାଆଁଟିର ଦୃଶ୍ୟ
ଦିଶେ ଅତି ମନୋହର
ସ୍ରଷ୍ଟାଙ୍କର ସୃଷ୍ଟି ପ୍ରାଣୀଙ୍କ ପାଇଁ
ଅଟେ ଅତି ମୁଗ୍ଧକର।

**– ବ୍ରଜେଶ୍ୱରୀ ସିଂହ**
ଯାଜପୁର ରୋଡ, ଯାଜପୁର
ମୋ: ୯୪୩୮୪୭୧୪୧୧

### ବସୁମତୀ ସ୍ନାନ

ଆଜି ବସୁମତୀ ସ୍ନାନ
ଆକାଶୁ ବରଷା ଧରାକୁ ଛୁଇଁବ
ହୋଇବ ତାଙ୍କ ମିଳନ।
ଓଡିଶାର ପୁର ପଲ୍ଲୀରେ
ହଳଦୀ ପାଣିରେ ଗାଧୋଇ ଦିଅନ୍ତି
ଧରଣୀ ମାଆକୁ ଶ୍ରଦ୍ଧାରେ।
ଫୁଲ ଲବଣ ସୋରିଷ
ପିଢାରେ ସଜାଡି ଶ୍ରଦ୍ଧାରେ ପୂଜିଲେ
ବସୁଧା ହୁଅଇ ତୋଷ।
ଚାଷ ହୁଏ ଅନୁକୂଳ
କୃଷକ ଭାଇ ତା' ଗହିର ବିଲରେ
ବିହନ ବୁଣେ ସଅଳ।
ଆଷାଢ ଆସେ ହରଷେ
ଶୀତଳ ଜଳରେ ଭରିଦିଏ ଧରା
ପ୍ରକୃତି ସୁନ୍ଦର ଦିଶେ।

**– ରାମଚନ୍ଦ୍ର ବେହେରା**
ତେନ୍ତୁଲିପଦା,ଜଗତସିଂହପୁର
ମୋ: ୭୩୫୫୬୭୩୫୩୪୬

### ରଥ ଯାଆରେ ଗଡ଼ି

ଆ' ରେ ରଥ ଯାଆରେ ଗଡ଼ି
ଆଶିଷ ପଡୁ ଝରି,
ଗୁଣ୍ଡିଚା ଯାତ ବଢ଼େଇ ହାତ
ଦେଉରେ ସୁଖ ଭରି।
ଜଗା ବଳିଆ ଭଉଣୀ ସାଥେ
ଆସିବେ ଝୁଲି ଝୁଲି,
ତିନି ରଥରେ ହୋଇବେ ବିଜେ
ଚାହିଁବେ ଟିକେ ବୁଲି।
ହରିବୋଲ ଓ ହୁଳହୁଳିରେ
ଦୁଲୁକୁଥିବ ମାଟି,
ଘଣ୍ଟ ଘଣ୍ଟାର ଶବଦ ପରା
ପଡୁଥିବରେ ଫାଟି।
କାଳିଆ ଦିଅଁ ନନ୍ଦିଘୋଷରେ
ଦେଉଥିବେଟି ହସି,
ତାଳଧ୍ୱଜରେ ଭାଇ ବଳିଆ
ହରଷେ ଥିବେ ବସି।
ମାଆ ସୁଭଦ୍ରା ଚାହିଁଥିବେଟି
ଦେବଦଳନ ଚଢ଼ି।
ଘିଇଡ଼ି ଘିଡ଼ି ଗଡ଼ିବ ରଥ
ଭକତେ ନେବେ ଟାଣି।

**– ଶରତ କୁମାର ଦାସ**
ବଡ଼ବିଲ ମହାବିଦ୍ୟାଳୟ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

### ରଥଯାତରା

ତାଳଧ୍ୱଜ ଦେବଦଳନ ପଛରେ
ବିଜେ ନନ୍ଦିଘୋଷ ରଥ,
ରଥ ତ ପ୍ରସ୍ତୁତ ପଥ ବି ପ୍ରସ୍ତୁତ
ପ୍ରସ୍ତୁତ ସର୍ବ ଭକତ।
ରଥ ଘୋଷଯାତ ପ୍ରସିଦ୍ଧ ଜଗତ
ଜଗନ୍ନାଥ ଭକ୍ତ ପ୍ରାଣ,
ଓହ୍ଲେଇ ଆସନ୍ତି ବଡ଼ଦେଉଳରୁ
ଭେଟିବେ ଜଗତଜନ।
ପହଣ୍ଡି ହୁଅଇ ଟାହିଆ ଝୁଙ୍କଇ
ହୁଅଇ ଛେରା ପହଁରା,
ଡାହୁକ ଡାକଇ ଦଉଡ଼ି ଝୁଙ୍କଇ
ଧନ୍ୟ ଏ ରଥଯାତରା।
ରଥେ ଆପଣଙ୍କୁ ଦେଖିଦେଲେ ଟିକେ
ମନ ପୂରିଯାଏ ସତେ,
ଆହେ ମହାରଥି କରୁଛୁ ଆରତି
ବଡ଼ଦାଣ୍ଡର ଏ ପଥେ।

**– ଶିବ ପ୍ରସାଦ ରାଉତ**
ବଚ୍ଛଦା, ବାସୁଦେବପୁର, ଭଦ୍ରକ
ମୋ: ୮୧୪୪୨୨୮୧୧୫



## ଏଥରର

- କେଉଁ ତିଥିରେ ଚନ୍ଦ୍ରଗ୍ରହଣ ହୁଏ ?
- ପିରାମିଡ୍‌ର ଦେଶ କାହାକୁ କହନ୍ତି ?
- ଚନ୍ଦ୍ରପୃଷ୍ଠରୁ ଆକାଶ କିପରି ଦିଶେ ?
- ପୃଥିବୀ ଚନ୍ଦ୍ରର କେତେଗୁଣ ବଡ଼ ?
- କିଏ ସକଳ ଶକ୍ତିର ଉତ୍ସ ?

## ଗତଥରର ଉତ୍ତର

- ଓଡ଼ିଶା
- ସଜବାଜ
- ପହିଲି ରଜ ଓ ରଜ ସଂକ୍ରାନ୍ତି
- ବସୁମତି ସ୍ନାନ
- ରଜ ଦୋଳି ଓ ପୋଡ଼ପିଠା

## କହିଲ ଦେଖି

ନୁହେଁ ସେ ଫୁଲ, ନୁହେଁ ସେ ଫଳ
ଚେର କାଣ୍ଡ ଅବା ନୁହେଁ ସେ ମୂଳ,
ଗଛର ଜନମ ବଢ଼ିବା କଥା
ମୂଳରେ ରହିଛି ତାହାରି ଗାଥା,
ତା'ର ନାମଟିକୁ ଯିଏ କହିବ
ଫୁଟିବା ପୂର୍ବରୁ ତାକୁ ଦେଖିବ।

ଉତ୍ତର- **କଢ଼**



ଗଛର ଅଟେ ସେ ରଙ୍ଗିନ ଅଂଶ
ତା' ପାଇଁ ବଢ଼ଇ ଗଛର ବଂଶ,
ମଧୁମକ୍ଷି ବସି ତାହା ଉପରେ
ଶୋଷି ନିଏ ମଧୁ ଆନନ୍ଦ ଭରେ,
ସୁଗନ୍ଧେ ପୂରିଛି ତା'ର ଶରୀର
ତା' ରୂପେ ବିଭୋର ଦେବତା ନର,
ସକଳ ପୂଜାରେ ତା'ର ଆଦର
କହିକି ପାରିବ ନାମଟି ତା'ର।

ଉତ୍ତର- **ଫୁଲ**



ଗଛର ଫୁଲରୁ ତାହାର ସୃଷ୍ଟି
ତାହା ପାଇଁ ପରା ବଞ୍ଚିଛି ସୃଷ୍ଟି,
ପୋତିଲେ ବୁଣିଲେ ତା'ର ବୀଜକୁ
ମାଟି ପାଣି ଖରା ଛୁଇଁଲେ ତାକୁ,
କ୍ଷୁଦ୍ରରୁ ହୁଅଇ ବିରାଟ ତରୁ
ସବୁଜ ସୁନ୍ଦର ଦିଶଇ ମରୁ,
ଗଛର ଅଟେ ସେ ପ୍ରଧାନ ଅଂଶ
ବଢ଼ାଏ ବଂଶ ସେ ନାମ ତା କିସ।

ଉତ୍ତର- **ଫଳ**



**– ଟଙ୍କଧର ଶତପଥୀ**
ସୁନ୍ଦରପାଳ, ଅନୁଗୋଳ
ମୋ: ୯୯୩୮୨୬୪୪୭୬



# ବିଲୁଆ ବଡ଼ ଚତୁର

ବିଲୁଆ ବହୁତ ବୁଦ୍ଧିମାନ୍ ପ୍ରାଣୀ ବୋଲି କୁହାଯାଏ। ଏମାନେ ସବୁବେଳେ ଫୂର୍ତ୍ତି ରହିଥା'ନ୍ତି ଏବଂ ଶିକାରରୁ ରକ୍ଷା ପାଇବାର କାଇଦା ଏମାନଙ୍କୁ ଜଣା। ନିଜର ଚାଲାକି ଗୁଣ ଲାଗି ସେ ଅନ୍ୟ ପ୍ରାଣୀଠାରୁ ନିଜର ଖାଦ୍ୟ ଚୋରାଇ ନେଇଥାଏ। ପୃଥିବୀରେ ବିଭିନ୍ନ ପ୍ରକାର ପ୍ରାଣୀ ଦେଖିବାକୁ ମିଳନ୍ତି। ବିଲୁଆ ଜଙ୍ଗଲରେ ରହୁଥିବା ଅନ୍ୟ ପ୍ରାଣୀଙ୍କ ତୁଳନାରେ ବେଶ୍ ଚାଲାକ୍। ଏମାନେ ମଣିଷଙ୍କ ପରି ଜଲ୍ଦି ସବୁ ଜିନିଷ ଶିଖିଥା'ନ୍ତି। ବିଲୁଆଙ୍କର ଖାଦ୍ୟ ହେଲା ପୋକଜୋକ। ତା'ସହ ସେମାନେ କେତେକ ପକ୍ଷୀଙ୍କୁ ଶିକାର କରି ଖାଇଥାଆନ୍ତି। ତାଙ୍କର ବଳକା ଖାଦ୍ୟକୁ ଚତୁରତାର ସହ ସୁରକ୍ଷିତ ସ୍ଥାନରେ ଲୁଚାଇ ରଖିଥା'ନ୍ତି। ଏମାନେ ସବୁପ୍ରକାର ପରିବେଶରେ ନିଜକୁ ଖାପ୍ ଖୁଆଇ ପାରନ୍ତି। ଏମାନଙ୍କ ଓଜନ ପ୍ରାୟ ୨-୧୫ କି.ଗ୍ରା, ଉଚ୍ଚତା ପ୍ରାୟ ୫୦ସେ.ମି ଏବଂ ଲମ୍ବ ୯୦ସେ.ମି ହୋଇଥାଏ। ଏମାନଙ୍କର ଦୌଡ଼ିବାର ବେଗ ଘଣ୍ଟା ପ୍ରତି ପ୍ରାୟ ୫୦ କି.ମି । ଏମାନେ ରାତି ସମୟରେ ଅଧିକ ସକ୍ରିୟ ରୁହନ୍ତି। ଏମାନଙ୍କ ଶ୍ରବଣ ଶକ୍ତି ବହୁତ ପ୍ରଖର। ଏମାନେ ବୁଦା, ଜଙ୍ଗଲରେ ରହିବାକୁ ପସନ୍ଦ କରନ୍ତି। ଗଛରେ ଚଢ଼ିବାର କ୍ଷମତା ମଧ୍ୟ ଏମାନଙ୍କର ରହିଛି।

# ବିଶ୍ୱର ପ୍ରଥମ ଘଣ୍ଟା

ଅନେକ ବର୍ଷ ପୂର୍ବେ ସୂର୍ଯ୍ୟଙ୍କ ଗତିକୁ ଲକ୍ଷ୍ୟ କରି ସମୟ ନିର୍ଦ୍ଧାରଣ କରାଯାଉଥିଲା। କିନ୍ତୁ ଏବେ ଏଥିପାଇଁ ବିଭିନ୍ନ ପ୍ରକାର ଘଣ୍ଟା ବ୍ୟବହାର କରାଯାଉଛି। ଯେତେବେଳେ ପ୍ରଥମେ ଘଣ୍ଟା ପ୍ରସ୍ତୁତ ହେଲା, ସେତେବେଳେ ଧନୀ ଶ୍ରେଣୀର ଲୋକମାନେ ଏହାକୁ ପିନ୍ଧୁଥିଲେ। ସେତେବେଳେ ଘଣ୍ଟାର ମୂଲ୍ୟ ଏତେ ଅଧିକ ଥିଲା ଯେ ତାହାକୁ ଜଣେ ସାଧାରଣ ଲୋକ କିଣିବା ସମ୍ଭବପର ନ ଥିଲା। କିନ୍ତୁ ଏବେ ଘଣ୍ଟା ପିନ୍ଧିବା ସମସ୍ତଙ୍କର ଏ ସଉକ ପାଲଟିଗଲାଣି। ତେବେ ପୃଥିବୀର ପ୍ରଥମ ଘଣ୍ଟା ହେଉଛି 'ପୋମାଣ୍ଡର ୱାଚ୍ ଅଫ୍ ୧୫୦୫'। ଏହାକୁ ଆବିଷ୍କାର କରିଥିଲେ ପିଟର ଇଂଲଣ୍ଡ। ଏକ ରିପୋର୍ଟ ଅନୁଯାୟୀ, ୫୦୦ବର୍ଷ ପୂର୍ବେ ପ୍ରଥମେ ଘଣ୍ଟା ପ୍ରସ୍ତୁତ କରାଯାଇଥିଲା। ଏହି ଘଣ୍ଟାର ଆକାର ସେଓ (ଆପଲ୍) ସଦୃଶ ହୋଇଥିଲା। ଏଥିରେ ଉଦ୍ଭାବକଙ୍କ ନାମ ଏବଂ ମସିହା ଉଲ୍ଲେଖ ରହିଛି। ଏହା ପିଟରଙ୍କ ପର୍ସନାଲ ଘଣ୍ଟା ଥିଲା। ସେ ଏହାକୁ ସବୁବେଳେ ନିଜ ପାଖରେ ରଖୁଥିଲେ। ଏହା କପର ଏବଂ ସୁନାରେ ନିର୍ମିତ ହୋଇଥିଲା।





# ବର୍ଷରେ ଥରେ ପାଣି ପିଉଥିବା ଚଢ଼େଇ

ଅନେକ ପ୍ରକାରର ଚଢ଼େଇ ବିଷୟରେ ଆମେ ଶୁଣିଛେ ଏବଂ ଜାଣିଛେ। ଏମାନେ ପ୍ରତିଦିନ ଖାଦ୍ୟ ସଂଗ୍ରହ କରି ଖାଇଥାଆନ୍ତି ଏବଂ ପାଣି ପିଇଥାଆନ୍ତି। ହେଲେ ଏପରି ଏକ ଚଢ଼େଇ ଅଛି, ଯିଏ ବର୍ଷକୁ ମାତ୍ର ଥରେ ପାଣି ପିଏ। ଏହି ଚଢ଼େଇର ନାମ ଜାକୋବିନ କୁକୋ ସହ ଏହାକୁ କେତେକ ଚାତକ ପକ୍ଷୀ ବୋଲି ମଧ୍ୟ କୁହନ୍ତି। ଏହାର ବୈଜ୍ଞାନିକ ନାମ କ୍ଲାମାଟର ଜାକୋବିନସ୍ । ଏମାନେ କେବଳ ବର୍ଷା ଦିନରେ ହିଁ ପାଣି ପିଇଥାନ୍ତି। ଯଦି ଏହି ଚଢ଼େଇକୁ ନେଇ ପାଣି ଭିତରେ ଛାଡ଼ି ଦିଆଯାଏ, ତେବେ ସେ କଦାପି ପାଣି ପିଇ ନ ଥାଏ। ଏହି ଚଢ଼େଇ ଫଳ ଖାଇବାକୁ ପସନ୍ଦ କରନ୍ତି। ଏମାନଙ୍କ ଅଣ୍ଡା ଦେଖିବାକୁ ରଙ୍ଗୀନ୍ ହୋଇଥାଏ। ନିଜର ଅଣ୍ଡାକୁ ନେଇ ଅନ୍ୟ ଚଢ଼େଇ ବସାରେ ରଖିବାକୁ ସେ ପସନ୍ଦ କରେ । କେଉଁ ସ୍ଥାନକୁ ମୌସୁମୀ ଆସିବ ତାହା ପ୍ରାକ୍ ସୂଚନା ତାଙ୍କୁ ମିଳିଥାଏ ଏବଂ ସେମାନେ ସେହି ସ୍ଥାନକୁ ଚାଲିଯାଆନ୍ତି।





# ପାଣିରେ ବୁଡ଼ିଲେ ହାତ ଲୋଚାକୋଚା ହୁଏ କାହିଁକି

ପାଣିରେ ଅଧିକ ସମୟ ହାତ ଗୋଡ ରହିବା ଦ୍ୱାରା ଲୋଚାକୋଚା ହୋଇଯାଏ। ଏହା ପଛରେ ବୈଜ୍ଞାନିକ କାରଣ ରହିଛି। ମଣିଷ ଚର୍ମରେ ସେବମ୍ ନାମକ ଏକ ତୈଳୀୟ ପଦାର୍ଥ ରହିଥାଏ। ଏହାର ଏକ ଖାସ୍ ବିଶେଷତ୍ୱ ରହିଛି। ଉକ୍ତ ତୈଳାକ୍ତ ପଦାର୍ଥ ଚର୍ମକୁ ପାଣି ପ୍ରଭାବରୁ ରକ୍ଷା କରେ। ସାଧାରଣତଃ ଗାଧୋଇବା ସମୟରେ ଏବଂ ଧୋଇ ହେବା ବେଳେ ଚର୍ମ ପାଣି ସଂସ୍ପର୍ଶରେ ଆସିଥାଏ। ହେଲେ ହାତ ପାପୁଲି ଓ ପାଦ ତଳ ଚର୍ମରେ ସେବମ୍ ନ ଥାଏ। ତେଣୁ ପାଣିରେ ଆବଶ୍ୟକତା ଠାରୁ ଅଧିକ ସମୟ ରହିଲେ ପାପୁଲି ଓ ପାଦତଳ ଚର୍ମ ମଧ୍ୟକୁ ପାଣି ଚାଲିଯାଏ ଓ ଏହା ଲୋଚାକୋଚା ହୋଇଯାଏ। ହେଲେ ଶରୀରର ଅନ୍ୟ ଭାଗର ସ୍କିନ୍ ନର୍ମାଲ ରହିଥାଏ। ତା'ଛଡା ଏଥିରେ ଅଧିକ ମାତ୍ରାରେ କେରାଟିନ୍ ଦେଖିବାକୁ ମିଳେ। ଯାହା ଏକ ପ୍ରକାର ପ୍ରୋଟିନ୍, ଏହା ପାଣିକୁ ଶୋଷିବାରେ ସାହାଯ୍ୟ କରିଥାଏ।



# ଥା ଉ ନା



ଫିଓନା ରାଉତରାୟ
୭ ବର୍ଷ, ଭୁବନେଶ୍ୱର



ଶିବାଙ୍ଗୀ ଶୁଭଦର୍ଶିନୀ ଜେନା
୫ ବର୍ଷ, ଭୁବନେଶ୍ୱର